ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

Deepanjali Dugal,
Jr. Agrometeorologist

ସପ୍ତାହ ସଂଖ୍ୟା -୪୧

ବୁଲେଟିନ ନମ୍ବର :୮୧
ତାରିଖ : ୧୦.୧୦.୨୦୨୫
(ଶୁକ୍ରବାର)

## ଢେଙ୍କାନାଳ ଜିଲ୍ଲା (ମଧ୍ୟ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୪.୧୦.୨୦୨୫ ରୁ ୧୦.୧୦.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୧୫.୨ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୩୧.୦-୩୪.୩ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୩.୯-୨୭.୩ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୫.୧୦.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 11-10-2025 | 5 | 30 | 24 | 4 | 92 | 61 | 4 | 326 |
| 12-10-2025 | 5 | 30 | 25 | 4 | 91 | 57 | 3 | 334 |
| 13-10-2025 | 4 | 31 | 25 | 3 | 89 | 56 | 3 | 344 |
| 14-10-2025 | 3 | 31 | 25 | 4 | 90 | 55 | 3 | 344 |
| 15-10-2025 | 3 | 32 | 24 | 3 | 90 | 51 | 3 | 337 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ଆଂଶିକ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୩-୦୪ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୦-୩୨ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୪-୨୫ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୯ ରୁ ୯୨ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୧-୬୧ ପ୍ରତିଶତ ମଧ୍ୟରେ ରହିବ ।

**ହଳଦିଆ ଚେତାବନୀ: (ସଚେତନ ରୁହନ୍ତୁ)**

ଆସନ୍ତା ୧୧ ତାରିଖ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି ।

## କୃଷି ସୂଚନ

### ସାଧାରଣ ଉପଦେଶ

- ଚାଷୀ ଭାଇ ମାନେ ବର୍ତ୍ତମାନ ମଞ୍ଜି ବୁଣିବା, କୋଡା ଖୋସା, ସାର ଓ କୀଟନାଶକ ପ୍ରୟୋଗ ଜାରି କରି ପାରିବେ ।
- ଉଚ୍ଚ ଓ ମାଧ୍ୟମ ଜମିରେ ବର୍ତ୍ତମାନ କୋଶଳା ଶାଗ, ମୁଗ, ବିରି , ଝୁଡଙ୍ଗ , କନ୍ଦମୂଳ ଏବଂ ରାଶି ଇତ୍ୟାଦି ଅଳ୍ପ ଦିନିଆ ପ୍ରାକ ରବି ଫସଲ କରିପାରିବେ ।
- ଧାନ ଫସଲରେ ଗଣ୍ଠିଛାଡିବା ବା ଗର୍ଭ ସଞ୍ଚାର ଆରମ୍ଭ ହେବା ଅବସ୍ଥାରେ ୫ ରୁ ୧୦ ସେମି ଠିଆ ପାଣି ରଖନ୍ତୁ ।
- ବର୍ତ୍ତମାନ ସମୟରେ ବାୟୁମଣ୍ଡଳର ଅଧିକ ତାପମାତ୍ରା ଓ ଆଦ୍ରତା ରହୁଥିବାରୁ ଫସଲରେ ଶୋଷକ ଜାତୀୟ କୀଟ ଗୁଡିକର ପ୍ରାଦୁର୍ଭାବ ଦେଖା ଦେଉଛି ଯେପରିକି ସବୁଜ ପତ୍ର ଡିଆଁ ପୋକ , ଜଉ ପୋକ, ପତ୍ର ଉକୁଣିଆ, ଦହିଆ ପୋକ ଏହି ପୋକ ଗୁଡିକ ପରିଚାଳନା ପାଇଁ ଏକର ପ୍ରତି ୬୦୦-ମି. ଲି ନିମ୍ବ ଜାତୀୟ କୀଟନାଶକ (୧୫୦୦ ପିପିଏମ) କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| **ଧାନ** | ଗର୍ଭ ସଞ୍ଚାର ଆରମ୍ଭ ଠାରୁ ଫୁଲ ଉଡାଇବା ଅବସ୍ଥା | • ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ଓ ଉଷ୍ମତା ରହିଲେ ଧାନ ଫସଲରେ **ପତ୍ରଚିତା ରୋଗ** ବ୍ୟାପିଥାଏ । ଏହି ରୋଗର ଜୈବିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୨୦୦ ମିଲି ଟ୍ରାଇକୋଡର୍ମା ଭିରିଡେ (*Trichoderma viridae* ) ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ (Mancozeb 75 % WP) କିମ୍ବା ୪୦୦ ଗ୍ରାମ କାରବେନଡାଜିମ (Carbendazim 50 % WP), ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।<br>• ଧାନ ଫୁଲ ଉଡାଇବା ଠାରୁ ଦାନା ପୂରଣ ହେବା ପର୍ଯ୍ୟନ୍ତ **ଗନ୍ଧି ପୋକ ବା ଛଗୋଡିଆ ପୋକ** ଧାନ ଫସଲରେ ଲାଗିବାର ସମ୍ଭାବନା ଥାଏ। ପ୍ରାରମ୍ଭିକ ଅବସ୍ଥାରେ ପରିଚାଳନା ପାଇଁ ଏକ ଏକର ଧାନ ଜମିରେ |

| | | |
|---|---|---|
| | | ୧୦ଟି ସ୍ଥାନରେ ଗେଣ୍ଡା ଥୋପ ପ୍ରସ୍ତୁତ କରି ଧାନଗଛ ଉଚ୍ଚାରେ ବାଡି ପୋତି ବାନ୍ଧି ଦିଅନ୍ତୁ । ଏକର ପ୍ରତି ୬୦୦ମି.ଲି ନିମ୍ବଜାତ କୀଟନାଶକ ୩୦୦ ପିପିଏମକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ । ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୫୦ମିଲି Imidacloprid 17.8% SL କିମ୍ବା ୫୦ ଗ୍ରାମ Thiamethoxam 25% WG, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହା ବଦଳରେ ଏକର ପ୍ରତି ୧୦କି.ଗ୍ରା. Chlorpyriphos ଗୁଣ୍ଡକୁ ସମାନ ଭାବରେ ସକାଳ ସମୟରେ ପବନ ହେଉନଥିବା ସମୟରେ ହୁଡା ଚାରିପାଖରେ ଡଷ୍ଟର ଦ୍ୱାରା ମଧ୍ୟ ପ୍ରୟୋଗ କରିପାରିବେ |
| **ମକା** | ଅମଳ ଅବସ୍ଥା | • ଚାଷୀ ଭାଇମାନେ ଦାନା ପାଇଁ ମକା ଚାଷ ଯଦି କରୁଛନ୍ତି ତେବେ ମକାର ଉପର ଚୋପା ହଳଦିଆରୁ ବାଦାମି ରଙ୍ଗ ହୋଇ ଶୁଖିବା ପରେ ଅମଳ କରନ୍ତୁ । ଏହି ସମୟରେ ଦାନା ଗୁଡିକ ଟାଣ ହୋଇଥାଏ ଏବଂ ଆର୍ଦ୍ରତା ୩୦ ଶତକଡା ରହିଥାଏ ।<br>• ଗଛରୁ ମକାକୁ ଭାଙ୍ଗି ଚୋପା ଛଡାଇ ୭ ରୁ ୮ ଦିନ ଟାଣ ଖରାରେ ଶୁଖାଇ ୧୨ ରୁ ୧୫ ଶତକଡା ରଖନ୍ତୁ । ଏହା ପରେ ମକା ଦାନା ଗୁଡିକୁ ହାତରେ ବାଡେଇ କିମ୍ବା ମକା ଛଡା ମେଶିନ ସାହାର୍ଯ୍ୟ ରେ ଅମଳ କରନ୍ତୁ । ଦାନା ଗୁଡିକୁ ୨ ରୁ ୩ ଦିନ ଟାଣ ଖରାରେ ଶୁଖାଇ ଆର୍ଦ୍ରତା ୮-୧୦ ଶତକଡା ରଖନ୍ତୁ । ଏହାପରେ ମକା ଦାନା ଗୁଡିକୁ ସଫା କରି ଅଖା ଗୁଡିକରେ ଭର୍ତ୍ତି କରି ରଖନ୍ତୁ । ସାଇତା କୀଟ ଓ ମୂଷା ନ ଲାଗିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ । |
| **ରାଶି** | ଫଳ ଧରିବା ଅବସ୍ଥା | • ରାଶିରେ ବର୍ତ୍ତମାନ ଛଞ୍ଚାଣ ଶଲଭ କୀଟ ଦେଖା ଦେଇଛି । ଏହି ପୋକ ପତ୍ର ଓ ଡାଳର ଆଗ ଖାଇ ସମ୍ପୂର୍ଣ୍ଣ ନଷ୍ଟ କରିଦିଏ । ନିୟନ୍ତ୍ରଣ ପାଇଁ ପ୍ରଥମେ ପୋକ ଗୁଡ଼ିକୁ ହାତରେ ଧରି ନଷ୍ଟ କରନ୍ତୁ । ଏହା ପରେ ପ୍ରୋଫେନୋଫୋସ୍ (Profenophos 50% EC) @ ୪୦୦ମିଲି ଏକର ପ୍ରତି ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ଆଖୁ** | ବିଶେଷ ଅଭିବୃଦ୍ଧି ଅବସ୍ଥା | • ଆଖୁର **ଘାସୁଆ ରୁଗୁଡିଆ ରୋଗ** ଫ୍ୟାଟୋପ୍ଲାଜମା ଦ୍ୱାରା ହୋଇଥାଏ । ଏହି ରୋଗ, ରୋଗିଣା ବିହନ କିମ୍ବା ଜଉ ପୋକ ଦ୍ୱାରା ବ୍ୟାପିଥାଏ । ଏହି ରୋଗର ପରିଚାଳନା ପାଇଁ ଆକ୍ରାନ୍ତ ଗଛକୁ ଉପାଡି ଦୂରରେ ପୋଡି ନଷ୍ଟ କରି ଦିଅନ୍ତୁ ।<br>• ଏହି ରୋଗର ବାହକ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid କିମ୍ବା ୭୦ ମିଲି Imidacloprid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| **ଲଙ୍କା ମରୀଚ** | ବୁଣିବା ପୂର୍ବ ଅବସ୍ଥା | • ବର୍ତ୍ତମାନ ପାଗରେ ଲଙ୍କା ପାଇଁ ତଳିଘେରା ପ୍ରସ୍ତୁତ କରିପାରିବେ । ଲଙ୍କା ଫସଲର କିଛି ଉନ୍ନତ କିସମ ଗୁଡିକ ହେଲା ପୁଷା ଜ୍ୱାଳା, ପୁଷା ସଦାବାହାର, ସୂର୍ଯମୁଖୀ, ସିନ୍ଦୁରୀ, ଉତ୍କଳ ଆଭା, ଉତ୍କଳ ରଶ୍ମି, ଅର୍କ ଲୋହିତ, ଉତ୍କଳ ରାଗିଣୀ ଏବଂ ହାଇବ୍ରିଡ ବା ଶଙ୍କର କିସମ ଗୁଡିକ ହେଲା କାଶୀ ଆଭା, କାଶୀ ଗୌରବ, କାନ୍ତି, ସିନ୍ଦୁରା, ସୁଜାତା, ସୂର୍ଯା, ଜ୍ୟୋତି ଇତ୍ୟାଦି ।<br>• ଏକ ଏକର ଲଙ୍କା ଚାଷ ପାଇଁ ୪୦୦-୬୦୦ ଗ୍ରାମ ଅଧିକ ଅମଳ କିସମ ଓ ୮୦-୧୦୦ ଗ୍ରାମ ଶଙ୍କର କିସମ ବିହନ ଦରକାର ହୋଇଥାଏ । |
| **ବାଇଗଣ, ଟମାଟୋ ଓ ଲଙ୍କା** | ତଳି ପକାଇବା ଠାରୁ ଫଳ ଧରିବା ଅବସ୍ଥା | • ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ **ବୀଜାଣୁ ଜନିତ ଝାଉଁଳା** ନିୟନ୍ତ୍ରଣ ପାଇଁ ପ୍ରଥମରୁ ରୋଗସହଣି କିସମ ଚୟନ କରନ୍ତୁ । ଗୋଟିଏ କ୍ଷେତରେ ବାରମ୍ବାର ବାଇଗଣ, ବିଲାତିବାଇଗଣ, ଲଙ୍କା ଚାଷ ନକରି ଧାନଜାତୀୟ, ତୈଳବୀଜ, ଗେଣ୍ଡୁ ଆଦିଫସଲ ଚାଷ କରନ୍ତୁ ।<br>• ମୁଖ୍ୟ ଜମିରେ ତଳି ଲଗାଇବା ପୂର୍ବରୁ ପ୍ରତି ଲିଟର ପାଣିରେ ୧ଗ୍ରାମ Plantomycin ମିଶାଇ ସେଥିରେ ଚେରକୁ ୧୫ମିନିଟ ବୁଡାଇ ରଖନ୍ତୁ ଓ ତାପରେ ଲଗାନ୍ତୁ ।<br>• ଆକ୍ରାନ୍ତ ଜମିରେ ପ୍ରତି ୧୦ଲିଟର ପାଣିରେ ୧୫ଗ୍ରାମ Plantomycin ସହିତ ୩୦ଗ୍ରାମ Copper Oxychloride ମିଶାଇ ଗଛର ଚେରକୁ ଭଲଭାବେ ଭିଜାଇ ଦିଅନ୍ତୁ । |
| **ଭେଣ୍ଡି** | ଫଳ ଧରିବା ଅବସ୍ଥା | • ଭେଣ୍ଡିରେ **ସାହେବୀ ରୋଗ** ଧଳାମାଛି ଦ୍ୱାରା ବ୍ୟାପିଥାଏ । ଏହାକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ Imidacloprid 75 % WG ସହ ମିଶାଇ ବିହନ ବିଶୋଧନ କରନ୍ତୁ । ଜମି ରେ ଏକର ପ୍ରତି ୧୨ଟି ହଳଦିଆ ଯନ୍ତା ବସାନ୍ତୁ । ପ୍ରା<br>• ଥମିକ ଅବସ୍ଥାରେ ମଞ୍ଜି ଗଜା ହେବାର ୧୫ଦିନ ପରେ ଏକର ପ୍ରତି ୬୦୦ ମିଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ Azadiractin କୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।<br>• ପୋକ ଆକ୍ରମଣ ଅଧିକ ହେଲେ ଏକର ପ୍ରତି ୪୦୦ଗ୍ରାମ Diafenthuron ୫୦% WP କିମ୍ବା ୬୦ଗ୍ରାମ Imidacloprid ୭୦ % WG ନାମକ କୀଟନାଶକ, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ୭ଦିନ ପରେ ଆଉଥରେ ସ୍ପ୍ରେ କରନ୍ତୁ । |
| **ଗୋ ସମ୍ପଦ** | • ଗାଈ ଗୋରୁ ମାନଙ୍କୁ ଫାଟୁଆ ଏବଂ ସାହାଣ ରୋଗ ନହେବା ପାଇଁ ପ୍ରତି ୬ ମାସରେ ଟୀକା କରଣ କରାନ୍ତୁ । | |
| **ମାଛ ଚାଷ** | • ମାଛ ପୋଖରୀରେ ଶିକାରୀ ଏବଂ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୨.୫ କେଜି ମହୁଆ କେକ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ । ମାଛ ଦେହରେ EUS ରୋଗ ପରିଲିକ୍ଷିତ ହେଲେ ୪୦୦ ମିଲି Cifax କୁ ୪୦୦ ମିଲି ପାଣିରେ ମିଶାଇ ଏକ ଏକର ପୋଖରୀ ପ୍ରତି ପ୍ରୟୋଗ କରନ୍ତୁ । | |

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଟାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଟିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**